# NATIONAL NEWS BULLETIN (ODIA)

## 8 January - 2026

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ସରକାରଙ୍କ ଦୀର୍ଘ ସ୍ଥାୟୀ ପୁଞ୍ଜିନିବେଶ ଏବଂ ନୀତିନିର୍ଦ୍ଧାରଣ ଯୋଗୁଁ ଦେଶର ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇପାରିଛି, କହିଲେ ପ୍ରଧାନମନ୍ତ୍ରୀ ।

– ଚଳିତ ଆର୍ଥିକ ବର୍ଷରେ ଦେଶର ବାସ୍ତବ ଜି.ଡି.ପି. ହାର୍ ୭ ଦଶମିକ୍ ୪ ପ୍ରତିଶତ ଅଭିବୃଦ୍ଧି ଆକଳନ ।

- ଦେଶରେ ଆସନ୍ତା ଏପ୍ରିଲ୍ ମାସରେ ହେବ ପ୍ରଥମ ପର୍ଯ୍ୟାୟ ଜନଗଣନା ।

– ସ୍ୱରାଷ୍ଟ୍ର ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ।

- ବିଶ୍ୱରେ ସ୍ଥିରତା ଆଣିବା ଦିଗରେ କାର୍ଯ୍ୟ କରିବା ଲାଗି ମିଳିତ ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇଲେ ଭାରତ ଓ ଫ୍ରାନ୍ସ ।

ଏବଂ

- ଓଡ଼ିଶା ସମେତ ଦେଶର ବିଭିନ୍ନ ସ୍ଥାନରେ ଶୀତ ଲହରୀ ବୃଦ୍ଧି ପାଇବା ନେଇ ସତର୍କ ସୂଚନା ଜାରି କଲା ପାଣିପାଗ ବିଭାଗ ।

# ପିଏମ୍-ଜିଡିପି ଗ୍ରୋଥ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତର ରୂପାନ୍ତରଣ ଯାତ୍ରା ନିରନ୍ତର ଭାବେ ଆଗେଇ ଚାଲିଛି । ଚଳିତ ବର୍ଷ ଆର୍ଥିକ ଅଭିବୃଦ୍ଧି ହାର ୭ ଦଶମିକ୍ ୪ ପ୍ରତିଶତ ଆକଳନ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଏନ୍.ଡି.ଏ. ସରକାରଙ୍କ ଦୀର୍ଘ ସ୍ଥାୟୀ ପୁଞ୍ଜିନିବେଶ ଏବଂ ଚାହିଦା ମୁତାବକ ନୀତି ନିର୍ଦ୍ଧାରଣ ଦ୍ୱାରା ଏହି ଅଭିବୃଦ୍ଧି ହାସଲ ଆକଳନ କରାଯାଇପାରିଛି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ଭିତ୍ତିଭୂମି ବିକାଶ, ନିର୍ମାଣ କ୍ଷେତ୍ର ତ୍ୱରାନ୍ୱିତ, ବ୍ୟବସାୟ କାର୍ଯ୍ୟ ସହଜ ସୁଲଭ, ସାମଗ୍ରୀର ଡିଜିଟାଲ୍ ବ୍ୟବହାରୀ କରଣ ଯୋଗୁଁ ଭାରତ ସମୃଦ୍ଧ ହୋଇପାରିଛି । ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ସେବା କ୍ଷେତ୍ରରେ ଉତ୍ତମ କାର୍ଯ୍ୟଦକ୍ଷତା ଯୋଗୁଁ ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇପାରିଛି । ଆର୍ଥିକ ସେବା, ଜମିଜମା କାରବାର, ବୃତ୍ତିଗତ ସେବା, ସାଧାରଣ ପ୍ରଶାସନ କ୍ଷେତ୍ରରେ ଅଭିବୃଦ୍ଧି ୯ ଦଶମିକ୍ ୯ ପ୍ରତିଶତ ଆକଳନ କରାଯାଇଛି ।

# ଜିଡିପି

୨୦୨୫-୨୬ ଆର୍ଥିକ ବର୍ଷରେ ବାସ୍ତବ ମୋଟ୍ ଘରୋଇ ଉତ୍ପାଦ-ଜି.ଡି.ପି. ୭ ଦଶମିକ ୪ ପ୍ରତିଶତ ଅଭିବୃଦ୍ଧି ହାସଲ କରିବା ନେଇ ଆକଳନ କରାଯାଇଛି । ଗତ ଆର୍ଥିକ ବର୍ଷରେ ଏହି ହାର ୬ ଦଶମିକ ୫ ପ୍ରତିଶତ ଥିଲା । ମିଳିଥିବା ରିପୋର୍ଟ ଅନୁଯାୟୀ ଚଳିତ ଆର୍ଥିକ ବର୍ଷରେ ବାସ୍ତବ ଜି.ଡି.ପି. ୨୦୧ ଲକ୍ଷ କୋଟି ଟଙ୍କା ସ୍ତରରେ ପହଞ୍ଚିବାର ଆକଳନ କରାଯାଇଥିବାବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଆକଳନ ୧୮୭ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ରହିଥିଲା ।

# ସେନ୍ସସ୍ ୨୦୨୭

କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୨୭ ପ୍ରଥମ ପର୍ଯ୍ୟାୟ ଜନଗଣନା ପାଇଁ ବିଜ୍ଞପ୍ତି ଜାରି କରାଯାଇଛି । ଚଳିତ ବର୍ଷ ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ଏପ୍ରିଲ୍ ୧ ତାରିଖରୁ ସେପ୍ଟେମ୍ବର ୩୦ ତାରିଖ ମଧ୍ୟରେ ଘରକୁ ଘର ବୁଲି ଜନଗଣନା କାର୍ଯ୍ୟକ୍ରମ ହେବ । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ବିଜ୍ଞପ୍ତି ଜାରି କରାଯାଇଛି । ଏହା ହେଉଛି ଦେଶର ପ୍ରଥମ ଡିଜିଟାଲ୍ ଭାବରେ ଜନଗଣନା କାର୍ଯ୍ୟକ୍ରମ । ଏଥିରେ ସମସ୍ତ ତଥ୍ୟ ମୋବାଇଲ୍ ଆପ୍ଲିକେସନ୍ ବ୍ୟବହାର କରି ସଂଗ୍ରହ

କରାଯିବ । ଉଭୟ ଆଣ୍ଡ୍ରୋଏଡ୍ ଏବଂ ଆଇ.ଓ.ଏସ୍. ଭର୍ସନ୍‌ରେ ଏହା ଉପଲବ୍ଧ ହେବ ।

ଜନଗଣନାକାରୀ, ସୁପରଭାଇଜର, ମାଷ୍ଟର ଟ୍ରେନର୍, ଚାର୍ଜ ଅଫିସର୍‌ସ୍, ପ୍ରିନ୍ସପାଲ୍ କିମ୍ବା ଜିଲ୍ଲା ଜନଗଣନା ଅଧିକାରୀ ପ୍ରମୁଖ ୩୦ ଲକ୍ଷ କର୍ମଚାରୀ ଏହି ତଥ୍ୟ ସଂଗ୍ରହ କାର୍ଯ୍ୟରେ ନିୟୋଜିତ ହେବେ । ସେମାନେ ଜନଗଣନା ପ୍ରକ୍ରିୟାର ତଥ୍ୟ ଅନୁଧ୍ୟାନ ଏବଂ କାର୍ଯ୍ୟ ତଦାରଖ କରିବେ । ଜନଗଣନା କାର୍ଯ୍ୟ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ । ପ୍ରଥମ ପର୍ଯ୍ୟାୟ ଏପ୍ରିଲ୍‌ରୁ ଆରମ୍ଭ ହେଉଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ୨୦୨୭ ଫେବୃୟାରୀରେ ହେବ । କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖ ଏବଂ ଜାମ୍ମୁ କାଶ୍ମୀର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡରେ ଚଳିତ ବର୍ଷ ସେପ୍ଟେମ୍ବର ମାସରେ ଜନଗଣନା ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଗତ ମାସ ୧୨ ତାରିଖରେ ୨୦୨୭ ଜନଗଣନା କାର୍ଯ୍ୟକ୍ରମ ପାଇଁ ୧୧ ହଜାର ୭୧୮ କୋଟି ୨୪ ଲକ୍ଷ ଟଙ୍କା ମଞ୍ଜୁରୀ କରାଯାଇଛି । ଗତବର୍ଷ ଏପ୍ରିଲ୍ ୩୦ ତାରିଖରେ ରାଜନୈତିକ ବ୍ୟାପାର କ୍ୟାବିନେଟ୍ କମିଟି ବୈଠକରେ ଜାତିଗତ ଭିତ୍ତିରେ ଆଗାମୀ ଜନଗଣନା କାର୍ଯ୍ୟକ୍ରମ ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

## ପୀୟୂଷ ଗୋୟଲ

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ୍ ଆଜିଠାରୁ ଦୁଇଦିନିଆ ବ୍ରସେଲ୍ସ ଗସ୍ତରେ ଯିବେ । ଏ ସମ୍ପର୍କରେ ସୂଚନା ଦେଇ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ କହିଛି, ନୂଆଦିଲ୍ଲୀ ଏବଂ ବ୍ରସେଲ୍ସ୍ ମଧ୍ୟରେ ଦୃଢ଼ କୂଟନୈତିକ ଏବଂ ରଣନୈତିକ ସମ୍ପର୍କକୁ ଶ୍ରୀ ଗୋୟଲଙ୍କ ଏହି ଗସ୍ତ ଗୁରୁତ୍ୱ ପ୍ରଦାନ କରୁଛି । ଭାରତ ଏବଂ ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଚୂଡ଼ାନ୍ତ କରିବା କ୍ଷେତ୍ରରେ ଶ୍ରୀ ଗୋୟଲଙ୍କ ଗସ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବା ବିବେଚନା କରାଯାଉଛି । ଗସ୍ତ ଅବସରରେ ଶ୍ରୀ ଗୋୟଲ୍ ୟୁରୋପୀୟ ସଂଘର ବାଣିଜ୍ୟ ଓ ଅର୍ଥନୈତିକ ସୁରକ୍ଷା କମିଶନର ମାରୋସ୍ ସେଫ୍-କୋଭିକ୍‌ଙ୍କ ସହ ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

## ନଡ୍ଡା-ୱେଷ୍ଟବେଙ୍ଗଲ

ବିଜେପି ରାଷ୍ଟ୍ର ଅଧ୍ୟକ୍ଷ ଜେ.ପି. ନଡ୍ଡା ଆଜିଠାରୁ ପଶ୍ଚିମବଙ୍ଗକୁ ଦୁଇ ଦିନିଆ ଗସ୍ତରେ ଯିବେ । ୨୦୨୬ ବିଧାନସଭା ନିର୍ବାଚନ ପ୍ରକ୍ରିୟାକୁ ଦଳ ପକ୍ଷରୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତିର ଅଂଶସ୍ୱରୂପ ତାଙ୍କର ଏହି ଗସ୍ତ କାର୍ଯ୍ୟକ୍ରମ ଉଦ୍ଦିଷ୍ଟ । ଏହି ଗସ୍ତ କାଳରେ ଶ୍ରୀ ନଡ୍ଡା ଦଳର ପଶ୍ଚିମବଙ୍ଗ ଶାଖା କୋର୍ କମିଟି ବୈଠକରେ ଜିଲ୍ଲାସ୍ତରୀୟ ଦଳୀୟ ନେତାମାନଙ୍କ ସହ ଆଲୋଚନା କରିବେ । ସେ ମଧ୍ୟ ବିଜେପି ଡକ୍ଟର ସେଲ୍‌ର ସଦସ୍ୟମାନଙ୍କ

ସହିତ ସାକ୍ଷାତ ଆଲୋଚନା କରିବେ । ଏହି ଅବସରରେ ଆଜି ବିଭିନ୍ନ ବୈଠକର କାର୍ଯ୍ୟକ୍ରମ ରହିଛି । ସେ ତୃଣମୂଳ ସ୍ତରରେ ବିଜେପି କର୍ମୀମାନଙ୍କ ସହ ଆଲୋଚନା କରି ଦଳର ସ୍ଥିତି ସମ୍ପର୍କରେ ଅବଗତ ହେବେ । ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତିର ସମୀକ୍ଷା ମଧ୍ୟ କରିବେ । ଶ୍ରୀ ନଡ୍ଡା ଆସନ୍ତାକାଲି କେନ୍ଦ୍ର ମନ୍ତ୍ରିମଣ୍ଡଳର ସହ ସରକାରୀ ବୈଠକରେ ଯୋଗଦେବେ । ପୂର୍ବରୁ ଡିସେମ୍ବର ମାସରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ପଶ୍ଚିମବଙ୍ଗକୁ ତିନି ଦିନିଆ ଗସ୍ତରେ ଯାଇ ଦଳୀୟ କର୍ମୀମାନଙ୍କ ସହ ଆଲୋଚନା କରିଥିଲେ ।

## ଜୟଶଙ୍କର-ଫ୍ରାନ୍ସ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି, ଫ୍ରାନ୍ସ ଭାରତର ପ୍ରାଚୀନ ରଣନୈତିକ ଭାଗିଦାରୀ ମଧ୍ୟରେ ଅନ୍ୟତମ । ଉଭୟ ବିଶ୍ୱ ସ୍ଥିରତା ଆଣିବା ଲାଗି ମିଳିତ ଭାବେ କାର୍ଯ୍ୟ କରିଥାନ୍ତି । ଫ୍ରାନ୍ସର ବୈଦେଶିକ ମନ୍ତ୍ରୀ ଜିଅନ୍-ନୋଏଲ୍ ବାରଟ୍‌ଙ୍କ ସହ ପ୍ୟାରିସ୍‌ଠାରେ ବୈଠକ ପରେ ଡକ୍ଟର ଜୟଶଙ୍କର କହିଛନ୍ତି, ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ବଜାୟ ରଖିବା ଲାଗି ନିରନ୍ତର ଆଲୋଚନା ଗୁରୁତ୍ୱ ବହନ କରେ । ବିଶ୍ୱରେ ଅନିଶ୍ଚିତତା ପରିସ୍ଥିତି ଲାଗି ରହିଥିବାରୁ ଦ୍ୱିପକ୍ଷିୟ ମଧ୍ୟରେ ଏହି ବୈଠକ ଅନୁଷ୍ଠିତ ହୋଇଛି ବୋଲି ସେ କହିଛନ୍ତି ।

# ଗଡ଼କରି-ଏନ୍‌ଏଚ୍‌ଏଆଇ

କେନ୍ଦ୍ର ସରକାର' ଉତ୍ତରାଖଣ୍ଡର ପୌଡ଼ି ଠାରେ ଦୁଗାଡ୍ଡାରୁ ଗୁମ୍‌ଖାଲ ସେକସନ୍ ଜାତୀୟ ରାଜପଥ ୫୩୪ର ଉନ୍ନିତ କରଣ ପାଇଁ ୩୯୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଅନୁମୋଦନ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କେନ୍ଦ୍ର ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି, ଏହି ପ୍ରକଳ୍ପ ଅଧୀନରେ ୧୮ ଦଶମିକ୍ ୧ କିଲୋମିଟର ସେକ୍‌ସନ୍ ରାଜପଥକୁ ବାଡ଼ାଥାଇ ଦୁଇ ଲେନ୍ ବିଶିଷ୍ଟ କରାଯିବା ପାଇଁ ଅର୍ଥ ମଞ୍ଜୁର କରାଯାଇଛି । ଶ୍ରୀ ଗଡ଼କରୀ କହିଛନ୍ତି, ଉତ୍ତରାଖଣ୍ଡ ଏବଂ ଉତ୍ତରପ୍ରଦେଶ ମଧ୍ୟରେ ଯୋଗାଯୋଗକୁ ତ୍ୱରାନ୍ୱିତ କରିବା ପାଇଁ ଏହି ପ୍ରକଳ୍ପର ଉଦ୍ଦେଶ୍ୟ ରହିଛି । ଏହି ପ୍ରକ୍ରିୟା ଦ୍ୱାରା ଲାଣ୍ଡସ୍‌ଡାଉନ୍ କ୍ୟାଣ୍ଟିନ୍‌ମେଣ୍ଟ ଅଞ୍ଚଳକୁ ଯୋଗାଯୋଗ ସହଜ ହୋଇପାରିବ । ଚାରିଧାମ ତୀର୍ଥ ଯାତ୍ରା ଯିବା ପାଇଁ ଏହି ରାଜପଥ ପ୍ରକଳ୍ପ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିପକଳ୍ପ ରାସ୍ତା ହେବା ସହ ପ୍ରତିରକ୍ଷା କାରବାର ପାଇଁ ମଧ୍ୟ ଉତ୍ତମ ହୋଇପାରିବ । ଏହି ରାଜପଥ ମଧ୍ୟ ପ୍ରଶାସନିକ କାର୍ଯ୍ୟ ତ୍ୱରାନ୍ୱିତ କରିବାରେ ସହାୟକ ହେବ ।

# ପ୍ରଗତି–ସ୍ପେଶାଲ ଷ୍ଟୋରୀ

ଦେଶରେ ସ୍ୱଚ୍ଛ ପ୍ରଶାସନ ଏବଂ ସମୟାନୁବର୍ତ୍ତୀ କାର୍ଯ୍ୟାନ୍ୱୟନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରମୁଖ ପଦକ୍ଷେପ ‘ପ୍ରଗତି’ ଏହାର ୫୦ତମ ବୈଠକ ସଫଳ ପରିଚାଳନା ସହିତ ଉଲ୍ଲେଖନୀୟ ସାବ୍ୟସ୍ତ ହୋଇଛି । ୨୦୧୫ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହାର ଶୁଭାରମ୍ଭ ହେବା ପରଠାରୁ ପ୍ରଧାନମନ୍ତ୍ରୀସ୍ତରୀୟ ସମୀକ୍ଷା ମାଧ୍ୟମରେ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ଏବଂ ଜନସାଧାରଣଙ୍କ ଅଭିଯୋଗର ସମୟୋପଯୋଗୀ ସମାଧାନକୁ ଏହା ସଫଳ କରିପାରିଛି । କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରୀୟ ମନ୍ତ୍ରଣାଳୟଗୁଡ଼ିକୁ ଏକ ଡିଜିଟାଲ୍ ଇଣ୍ଟରଫେସ୍ ମାଧ୍ୟମରେ ସମନ୍ୱୟ କରାଯାଇ ସମବାୟ ସଂଘୀୟତାର ଉଦାହରଣ ସୃଷ୍ଟି ହୋଇଛି । ପ୍ରଗତୀର ବିଶେଷ ସିରିଜ୍‌ରେ ଆଜି ଆସନ୍ତୁ ଜାଣିବା ମହାରାଷ୍ଟ୍ରର ସୋଲାପୁର ସ୍ଥିତ ତାପଜ ବିଦ୍ୟୁତ୍ କେନ୍ଦ୍ର ସମ୍ପର୍କରେ ।

ମହାରାଷ୍ଟ୍ରର ସୋଲାପୁର ସ୍ଥିତ ସୁପର ଥର୍ମାଲ୍ ପାୱାର୍ ଷ୍ଟେସନ୍ ବା ତାପଜ ବିଦ୍ୟୁତ୍ କେନ୍ଦ୍ର ଆଞ୍ଚଳିକ ଶକ୍ତି ସୁରକ୍ଷା ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପ୍ରକଳ୍ପ । ଏହା ରାଜ୍ୟର ବିଦ୍ୟୁତ୍ ଚାହିଦା ପୂରଣ କରିବାରେ ସକ୍ଷମ ହୋଇପାରିଛି । ପ୍ରାୟ ୧୧ ହଜାର ୪୦୬ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପର ବିକାଶ କରାଯାଇଥିଲା । ଏଥିରୁ ୧ ହଜାର ୩୨୦ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନର କ୍ଷମତା ରହିଛି । ୨୦୧୨ ମସିହା ମାର୍ଚ୍ଚରେ ଏହି

ପ୍ରକଳ୍ପ ହାତକୁ ନିଆଯାଇଥିଲା । ୨୦୧୫ ଡିସେମ୍ବର ୩୦ ତାରିଖରେ ଅନୁଷ୍ଠିତ ପ୍ରଗତି ସମୀକ୍ଷା ସମୟରେ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ପ୍ରାଥମିକ ସ୍ତରରେ ଥିଲା । ସମୟ ନିର୍ଦ୍ଧାରିତ ସହଯୋଗ ଏବଂ ଦୃଢ଼ ନେତୃତ୍ୱ କ୍ରମେ ଏହି ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହାରାଷ୍ଟ୍ରର ମୁଖ୍ୟ ଶାସନ ସଚିବଙ୍କୁ ୨୦୧୬ ମସିହା ଫେବୃୟାରୀ ସୁଦ୍ଧା ପୁନଃ ଥଇଥାନ୍ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ଶକ୍ତି ସଚିବଙ୍କୁ ୨୦୧୭ ଜାନୁଆରୀ ସୁଦ୍ଧା ପ୍ରକଳ୍ପର ଉଭୟ ୟୁନିଟ୍ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ପ୍ରକଳ୍ପ ଦ୍ୱାରା ୧୧୫ କିଲୋମିଟର ଜଳ ପାଇପ୍ ଲାଇନ୍  ଯୋଗେ ଉଜ୍ଜୟିନୀ ବନ୍ଦରରୁ ଲୋକମାନଙ୍କୁ ନିରନ୍ତର ଜଳ ଯୋଗାଇ ଦିଆଯାଇପାରୁଛି । ପ୍ରଗତି କାର୍ଯ୍ୟକ୍ରମର ଏହି ସୋଲାପୁର୍ ସୁପର୍ ଥର୍ମାଲ୍ ପାୱାର୍ ଷ୍ଟେସନ୍ ଏକ ବଡ଼ ଉଦାହରଣ ସୃଷ୍ଟି କରିଛି । ଏହି ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ଜନସାଧାରଣଙ୍କୁ ବିଶ୍ୱସନୀୟ ଭାବେ ଶକ୍ତି ଯୋଗାଣ, ଶକ୍ତି ସୁରକ୍ଷା ସୁଦୃଢ଼ ଏବଂ ଶିଳ୍ପ ଓ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହୋଇପାରିଛି ।

## ଟିଏନ୍-ଏନ୍‌ଡିଏ-ପିଏମ୍‌କେ

ତାମିଲନାଡୁରେ ପଟ୍ଟାଲି ମକ୍କଲ୍ କାଚି (ପି.ଏମ୍.କେ)' ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଏନ୍.ଡି.ଏ.ରେ ଯୋଗଦେଇଛି । ତାମିଲନାଡୁରେ

ଆଗାମୀ ବିଧାନସଭା ନିର୍ବାଚନ ଦୃଷ୍ଟିରୁ ଏହି ଯୋଗଦାନ ଗୁରୁତ୍ୱ ବହନ କରୁଛି । ଏ.ଆଇ.ଏ.ଡି.ଏମ୍.କେ. ସାଧାରଣ ସମ୍ପାଦକ ଇଡାପ୍ପାଡି ପାଲାନିସ୍ୱାମୀ' ଏନ୍.ଡି.ଏ.ରେ ପି.ଏମ୍.କେ.ର ମିଶ୍ରଣ ସମ୍ପର୍କରେ ଚେନ୍ନାଇଠାରେ ଘୋଷଣା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପି.ଏମ୍.କେ.ର ମୁଖ୍ୟ ଅନ୍‌ମ୍ବୁମାନି ରାମଦୋସ୍ ଉପସ୍ଥିତ ଥିଲେ । ଏ.ଆଇ.ଏ.ଡି.ଏମ୍.କେ. ସାଧାରଣ ସମ୍ପାଦକ କହିଛନ୍ତି, ସେମାନେ ଭାରତୀୟ ଜନତାପାର୍ଟି ସହ ମଧ୍ୟ ପୂର୍ବରୁ ମେଣ୍ଟରେ ରହି ଆସିଛନ୍ତି ଏବଂ ମେଣ୍ଟର ଅନ୍ୟାନ୍ୟ ଦଳ ସହିତ ମିଶ୍ରଣକୁ ଏହା ସୂଚିତ କରାଉଛି । ଅନ୍ୟ ପକ୍ଷରେ ପି.ଏମ୍.କେ. ଅଧ୍ୟକ୍ଷ ରାମଦୋସ୍ କହିଛନ୍ତି, ତାମିଲନାଡୁବାସୀ ଶାସକ ଡି.ଏମ୍.କେ. ପ୍ରତି ବିଦ୍ୱେଷ ମନୋଭାବ ରଖିଛନ୍ତି । ତେଣୁ ଏ.ଆଇ.ଏ.ଡି.ଏମ୍.କେ. ନେତୃତ୍ୱବାଦୀ ମେଣ୍ଟ ଆଗାମୀ ଦିନରେ ସଂଖ୍ୟାଗରିଷ୍ଠତା ହାସଲ କରି ସରକାର ଗଢ଼ିବ ।

## ୱେଦର୍

ଭାରତୀୟ ପାଣିପାଗ ବିଭାଗ ଶୀତର ଲହରୀ ବୃଦ୍ଧି ପାଇବା ନେଇ ଓଡ଼ିଶା ସମେତ ଛତିଶଗଡ଼, ଝାଡ଼ଖଣ୍ଡ, ଆସାମ ଏବଂ ଅନ୍ୟ ରାଜ୍ୟ ପାଇଁ ସତର୍କ ସୂଚନା ଜାରି କରିଛି । ସେହିଭଳି ରାଜସ୍ଥାନ, ହରିଆଣା, ଚଣ୍ଡିଗଡ଼, ପଞ୍ଜାବ ଏବଂ ଦିଲ୍ଲୀରେ ଘନ କୁହୁଡ଼ି ହେବାର ସମ୍ଭାବନା

ରହିଛି । ତାମିଲନାଡୁ, ପୁଡୁଚେରୀ, କେରଳ ଅଞ୍ଚଳରେ ବର୍ଷା ହେବା ନେଇ ଆକଳନ କରାଯାଇଛି ।